# Visit of Secretary (Economic Relations) to Addis Ababa, Ethiopia (October 04, 2022)

October 06, 2022

## ସଚିବଙ୍କ (ଅର୍ଥନୈତିକ ସମ୍ପର୍କ) ଇଥିଓପିଆର ଆଡିସ୍ ଆବାବା ଗସ୍ତ (04 ଅକ୍ଟୋବର 2022)

**ଅକ୍ଟୋବର 06, 2022**

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ଅର୍ଥନୈତିକ ସମ୍ପର୍କ) ଶ୍ରୀ ଦାମୁ ରବି ଆଫ୍ରିକୀୟ ସଂଘ (ଏୟୁ) ସହିତ ବିଚାର ବିମର୍ଷ ଏବଂ ଇଥିଓପିଆ ସରକାରଙ୍କ ସହ ଆଲୋଚନା କରିବା ପାଇଁ 04 ଅକ୍ଟୋବର 2022 ରେ ଇଥିଓପିଆ ଗସ୍ତ କରିଥିଲେ। ତାଙ୍କ ସହ ଯୁଗ୍ମ ସଚିବ (ଇ ଏବଂ ଏସ୍ଏ) ଶ୍ରୀ ପୁନୀତ ଆର୍ କୁଣ୍ଡଲ ମଧ୍ୟ ଯାଇଥିଲେ।

2. ଏହି ଗସ୍ତ ସମୟରେ ସଚିବ (ଅର୍ଥନୈତିକ ସମ୍ପର୍କ) ଆଫ୍ରିକୀୟ ସଂଘର ଉପାଧ୍ୟକ୍ଷ ଡକ୍ଟର ମୋନିକ୍ ସଞ୍ଜାବଗାନୱାଙ୍କୁ ଭେଟି ଆଫ୍ରିକୀୟ ସଂଘ ସହିତ ଭାରତର ଯୋଗଦାନ ବିଷୟରେ ଆଲୋଚନା କରିଥିଲେ। ଏହି ବିଚାର ବିମର୍ଷରେ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀର (ଆଇଏଏଫଏସ) ପରବର୍ତ୍ତୀ ପର୍ଯ୍ୟାୟ ଆୟୋଜନ କରିବାର ସମ୍ଭାବନା ସମେତ ଆଫ୍ରିକୀୟ ସଂଘ ସହିତ ଭାରତର ସହଯୋଗ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଆଇଏଏଫଏସ ଆୟୋଜନକୁ ନେଇ ଆଲୋଚନାକୁ ଆଗକୁ ବଢାଇବା ପାଇଁ ଉଭୟ ପକ୍ଷ ଯୋଗାଯୋଗରେ ରହିବାକୁ ସହମତ ହୋଇଥିଲେ। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ବହୁପକ୍ଷୀୟ ପ୍ରସଙ୍ଗରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ବାଣିଜ୍ୟ, ପୁଞ୍ଜି ବିନିଯୋଗ, ବିକାଶ ସହଭାଗୀତା କାର୍ଯ୍ୟକ୍ରମ, ଦକ୍ଷତା ବିକାଶ ଏବଂ ତାଲିମ ସମେତ ଆଫ୍ରିକା ସହିତ ଭାରତର ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।

3. ଏହି ଗସ୍ତ ସମୟରେ ସଚିବ (ଅର୍ଥନୈତିକ ସମ୍ପର୍କ) ଇଥିଓପିଆର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ମାନ୍ୟବର ରାଷ୍ଟ୍ରଦୂତ ଟେସଫାଏ ୟିଲମାଙ୍କୁ ଭେଟି ରାଜନୈତିକ ଆଦାନ ପ୍ରଦାନ, ବିକାଶ ସହଯୋଗ, ତାଲିମ ଏବଂ ଦକ୍ଷତା ବିକାଶ ସମେତ ଭାରତ-ଇଥିଓପିଆ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

4. ସଚିବ (ଅର୍ଥନୈତିକ ସମ୍ପର୍କ) ଆଡିସ୍ ଆବାବାରେ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଭାରତୀୟ ବ୍ୟବସାୟିକ ସମୁଦାୟର ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ 100 ରୁ ଅଧିକ ବ୍ୟବସାୟୀ ଯୋଗ ଦେଇଥିଲେ।

**ନୂଆଦିଲ୍ଲୀ**

**ଅକ୍ଟୋବର 06, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.